ODISHA POLICE
STATE HEADQUARTERS
CUTTACK.

---

## ପ୍ରେସ୍ ନୋଟ୍
## ୧୨.୦୪.୨୦୨୫

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ପ୍ରଥମ ମ୍ୟାଚ ମଧ୍ୟପ୍ରଦେଶ ଓ ତ୍ରିପୁରା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ମଧ୍ୟପ୍ରଦେଶ, ତ୍ରିପୁରା ପୋଲିସ ଦଳଠାରୁ ୩-୨ ଗୋଲ ବ୍ୟବଧାନରେ ବିଜୟଲାଭ କରିଥିଲା ।

ଦ୍ୱିତୀୟ ମ୍ୟାଚ ମହିଳା ବିଭାଗରେ ବିଏସଏଫ ଓ ଓଡିଶା ମହିଳା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଓଡିଶା ପୋଲିସ, ବିଏସଏଫ ଦଳକୁ ୧୧- ୦ ଗୋଲ ବ୍ୟବଧାନରେ ହରାଇଥିଲା ।

ସେହିପରି ମହିଳା ବିଭାଗରେ ତୃତୀୟ ମ୍ୟାଚ ତାମିଲନାଡୁ ଓ ମହାରାଷ୍ଟ୍ର ମହିଳା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ତାମିଲନାଡୁ, ମହାରାଷ୍ଟ୍ର ମହିଳା ପୋଲିସ ଦଳକୁ ୪- ୦ ଗୋଲ ବ୍ୟବଧାନରେ ହରାଇଥିଲା ।

ସେହିପରି ଚତୁର୍ଥ ମ୍ୟାଚ ପୁଡୁଚେରୀ, ତାମିଲନାଡୁ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ତାମିଲନାଡୁ, ପୁଡୁଚେରୀ ପୋଲିସ ଦଳକୁ ୧୨-୨ ଗୋଲରେ ପରାସ୍ତ କରିଥିଲା। ପଞ୍ଚମ ମ୍ୟାଚ ଉତ୍ତରାଖଣ୍ଡ ଓ ରାଜସ୍ଥାନ ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ରାଜସ୍ଥାନ, ଉତ୍ତରାଖଣ୍ଡ ପୋଲିସ ଦଳକୁ ୫-୦ ଗୋଲ ବ୍ୟବଧାନରେ ହରାଇଥିଲା ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଶ୍ରୀ ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଶ୍ରୀ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଶ୍ରୀ ଯୁଗଳ କିଶୋର ବନୋଥ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଲୋକ ସମ୍ପର୍କ ଅଧିକାରୀ